


● କାକଟପୁରକୁ ଏନ୍ଏସି ଘୋଷଣା

## ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଲେ ସଚେତନ ନାଗରିକ

**ଗମ୍ଭାରୀପଦା/କାକଟପୁର,୧୪।୩(ସମିସ):** ରାଜ୍ୟ ସରକାର ସାଧାରଣ ନିର୍ବାଚନ ପୂର୍ବରୁ ଆବଶ୍ୟକତା ଦୃଷ୍ଟିରୁ ପ୍ରଥମ ପର୍ଯ୍ୟାୟରେ ୩୫ଟି ପଞ୍ଚାୟତକୁ ଉନ୍ନିତ କରି ଏନଏସି ଘୋଷଣା କରିଥିଲେ।ଯାହାଫଳରେ କାକଟପୁରର ସମସ୍ତ ଯୋଗ୍ୟତା ଥାଇ ମଧ ଏହି ଘୋଷଣାରେ ସ୍ଥାନ ପାଇଁ ନଥିଲା। ସେଥିପାଇଁ କାକଟପୁରର ସାଧାରଣ ନାଗରିକମାନଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଥିଲା।ସ୍ଥାନୀୟ ବିଧାୟକ ତଥା ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କ ଅପାରଗତାକୁ ଦାୟୀ କରି କାକଟପୁର ବିଜେପି ପକ୍ଷରୁ ୧୨ଘଣ୍ଟିଆ କାକଟପୁର ବନ୍ଦ ଡାକରା ଦିଆଯାଇଥିଲା। କାକଟପୁର ନିର୍ବାଚନ ମଣ୍ଡଳୀ ସଂଯୋଜକ ସୁଦର୍ଶନ ସ୍ୱାଇଁ ଓ ଯୁବନେତା ରତ୍ନାକର ବେହେରାଙ୍କ ନେତୃତ୍ୱରେ ବିଜେପି ଦଳ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ କାକଟପୁରର ସମସ୍ତ ବର୍ଗର ଜନସାଧାରଣ ସମର୍ଥନ କରି ବନ୍ଦକୁ ସଫଳ କରାଇଥିଲେ।ପରବର୍ତ୍ତୀ ପର୍ଯ୍ୟାୟରେ କାକଟପୁର ସମିତି ସଭ୍ୟ ସମରେନ୍ଦ୍ର ଦିକ୍ଷୀତଙ୍କ ନେତୃତ୍ୱରେ ମିଶନ କାକଟପୁର ଟିମ୍ ପକ୍ଷରୁ ଏକ ପଦଯାତ୍ରୀଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରି, କାକଟପୁରକୁ ଏନ୍ଏସି ହକ ଦେବାପାଇଁ ଫେବୃଆରୀ ୨୯ ତାରିଖ ଅପରାହ୍ନରେ ନବୀନ ନିବାସ ଅଭିମୁଖେ ଅଭିଯାନ ଆରମ୍ଭ କରିଥିଲେ। ଭୁବନେଶ୍ୱର ଉପକଣ୍ଠରେ ନୂଆ ଗାଁ ପେଟ୍ରୋଲ ଟାଙ୍କି ନିକଟରେ ଗୃହ ବିଭାଗ ପକ୍ଷରୁ ସେମାନଙ୍କୁ ଅଟକାଇ ଯାଇଥିଲା।ରାଜ୍ୟ ଗୁଇନ୍ଦା ବିଭାଗ ସହାୟତାରେ ସେମାନେ ନବୀନ ନିବାସ ଯାଇ ମାର୍ଚ୍ଚ ୨ତାରିଖରେ ଦାବିପତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୨୨ଟି ଏନ୍ଏସି ଘୋଷଣା କରିଛନ୍ତି ସେଥିରେ କାକଟପୁର ନାମ ସ୍ଥାନୀତ ହୋଇଥିବାରୁ କାକଟପୁର ସଚେତନ ନାଗରିକମାନେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି।

## ୧୬ରୁ ଶିବଦର୍ଶନ ଆଧ୍ୟାତ୍ମିକ ମହୋତ୍ସବ

**ନୟାହାଟ/ଚାରିଛକ,୧୪।୩(ସମିସ):**ପୁରୀ ଜିଲ୍ଲା ଚାରିଛକ ଶାଖା ପ୍ରଜାପିତା ବ୍ରହ୍ମକୁମାରି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର " ଶିବଦର୍ଶନ ଅଧ୍ୟାତ୍ମିକ ମହୋତ୍ସବ ପାଇଁ ଗୁରୁବାର ଦିନ ଏକ ଆଶ୍ରମର ମୁଖ୍ୟ ପରିଚାଳିକା ଭଉଣୀ ବି କେ ମଞ୍ଜୁଙ୍କ ଆହ୍ୱାନ କ୍ରମେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମାନବ ଜୀବନରେ ଦିବ୍ୟ ଆବା ବିଷୟରେ ଶୁଣି ବୁଝିବା ସହିତ ଶିବଦର୍ଶନ ଆଧ୍ୟାତ୍ମିକ ମହୋତ୍ସବକୁ ଦେଖି ଉପଭୋଗ କରିବା ପାଇଁ ବ୍ରହ୍ମକୁମାରୀ ସୁଷମା ସହିତ ବ୍ରହ୍ମକୁମାରି ରଶ୍ମିତା ଅନୁରୋଧ କରିଛନ୍ତି। ଏହି ସଭାରେ ବ୍ରହ୍ମକୁମାରୀ ସୁଷମା ଓ ବ୍ରହ୍ମକୁମାରୀ ରଶ୍ମିତା ମହୋତ୍ସବ ଓ ଦିବ୍ୟ ଆବନ ବିଷୟରେ ବୁଝାଇ ଥିଲେ। ଶିବଦର୍ଶନ ଅଧ୍ୟାତ୍ମିକ ମହୋତ୍ସବ ଚଳିତ ମାର୍ଚ୍ଚ ୧୬ ଓ ୧୭ ତାରିଖ ଦୁଇ ଦିନ ଧରି ମହୋତ୍ସବ ହେବ ବୋଲି ବ୍ରହ୍ମକୁମାରି ସୁଷମା ଓ ରଶ୍ମିତା ପ୍ରକାଶ କରିଥିଲେ। ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଚାରିଛକ ଉପସେବା କେନ୍ଦ୍ର ତରଫରୁ ଦୁଇ ଦିନ ଶିବଦର୍ଶନ ଅର୍ଧ୍ୟାତ୍ମିକ ମହୋତ୍ସବ ଅବସରରେ ସ୍ଥାନୀୟ ଜନମାନସରେ



ଆଧ୍ୟାତ୍ମିକେ ସାର ଜାଗୃତି ପାଇଁ ଆଧ୍ୟାତ୍ମିକ ସଭାର ଆୟୋଜନ ଚାରିଛକ ବ୍ରହ୍ମକୁଣ୍ଡି ଗ୍ରାମରେ ଥିବା ବ୍ରହ୍ମେଶ୍ୱର ମନ୍ଦିର ପ୍ରାଙ୍ଗଣ ଆୟୋଜନ କରାଯାଇ ଅଛି। ମହୋତ୍ସବର ଦ୍ୱିତୀୟ ଦିନ ୧୭ ତାରିଖ ସନ୍ଧ୍ୟାରେ ବିଶାଳ ଶାନ୍ତି ପଦଯାତ୍ରା ଚାରିଛକ ବଜାରରେ ଅନୁଷ୍ଠିତ ହେବ। ସାମ୍ବାଦିକ ସମ୍ମିଳନୀରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ସହିତ ବ୍ରହ୍ମକୁମାରୀ ଭ୍ରାତା ନିରଞ୍ଜନ ,କୁଳମଣି ,ନାରାୟଣ ,କେଦାର ,ଦୈତାରି ,ଶ୍ରୀଧର ସମେତ ଅଞ୍ଚଳର ସମସ୍ତ ସାମ୍ବାଦିକ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଚାରିଛକ ଥାନା ଅଞ୍ଚଳରେ ଯବାନଙ୍କ ଫ୍ଲାଗ ମାର୍ଚ୍ଚ

**ନୟାହାଟ,୧୪।୩(ସମିସ):** ନିର୍ବାଚନରେ କଡ଼ା ସୁରକ୍ଷା ପାଇଁ ପ୍ରାକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ନିର୍ବାଚନ ସମୟରେ ଯେପରି ଅପ୍ରୀତିକର ପରିସ୍ଥିତି ନ ଉପୁଜିବ ସେ ନେଇ ପୁରୀ ଜିଲ୍ଲାର ଚାରିଛକ ଥାନା ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁଙ୍କ ତତ୍ୟବଧାନରେ ସିଆରଏଫ ମହିଳା ଯବାନଙ୍କ ଫ୍ଲାଗ ମାର୍ଚ୍ଚ ତୁଳସୀପୁର ଓ ଭୋଦର ପଞ୍ଚାୟତ ପରିକ୍ରମା କରିବା ପରେ ସନ୍ଧ୍ୟା ସମୟରେ ଚାରିଛକ ବଜାର ପରିକ୍ରମା କରିଥିଲେ।ଏହି ଫ୍ଲଗ ମାର୍ଚ୍ଚ କାର୍ଯ୍ୟକ୍ରମରେ ମହିଳା ଇନ୍ସପେକ୍ଟର ଉଷାରାଣୀ ଓ ଏଏସଆଇ ଉମାକାନ୍ତ ବିଶ୍ୱାଳ ୪୫ ଜଣ ମହିଳା ଯବାନଙ୍କୁ ନେଇ ତୁଳସୀପୁର ଓ ଭୋଦର ପଞ୍ଚାୟତରେ ପରିକ୍ରମା କରିଥିଲେ।

## ବାଦିପାଲା ଉଦ୍ଯାପିତ

**କଣାସ,୧୪।୩(ସମିସ):** କଣାସ ବ୍ଲକ ମଣିଜିପୁର ଗ୍ରାମରେ ଗତ ୮ତାରିଖ ଠାରୁ ଆରମ୍ଭ ହୋଇଥିବା ସତ୍ୟାନାରାୟଣ ଦେବଙ୍କ ବାର୍ଷିକ ବାଦିପାଲା ଗୁରୁବାର ଉଦ୍ଯାପିତ ହୋଇଯାଇଛି। ଏହି ବାଦିପାଲାରେ ଜ୍ଞାନଭୂଷଣ ବିଜୟ କୁମାର ଦାଶ ଆଠଗଡ, ଗାୟକ ବାଣିକଣ୍ଠ ରବିନ୍ଦ୍ର ବରିଶଲ୍ୟ ପାଲା ପରିବେଷଣ କରିଥିଲେ। ପ୍ରତ୍ୟେହ ସଂଧାରେ ଶହଶହ ସାହିତ୍ୟ ପ୍ରେମି କାର୍ଯ୍ୟକ୍ରମରେ ଯୋଗଦେଥିଲେ। କାର୍ଯ୍ୟକ୍ରମକୁ ଗତିଶ୍ୱରଦେବ ସାଂସ୍କୃତିକ ସଂସଦ ଓ ମଣିଜିପୁର ଗ୍ରାମବାସୀମାନେ ସହଯୋଗ କରିଥିଲେ ।

## କୃଷ୍ଣପ୍ରସାଦ ବ୍ଲକରେ ନୂତନ ବିଡ଼ିଓ

**କୃଷ୍ଣପ୍ରସାଦ,୧୪।୩(ସମିସ):**ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକରେ ନୂତନ ବିଡ଼ିଓ ଭାବେ ଅମିୟ କୁମାର ପଣ୍ଡା ଯୋଗଦେଇଥିବା ଜଣାପଡିଛି। ଏଠାରେ କାର୍ଯ୍ୟ କରୁଥିବା ବିଡ଼ିଓ ବିଜୟ କୁମାର ବେହେରାଙ୍କ ଅନ୍ୟତ୍ର ବଦଳି ପରେ ମାହାଙ୍ଗା ବ୍ଲକରୁ ଆସି ଶ୍ରୀ ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟାଳୟରେ ପହଁଞ୍ଚିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜିନୀ ତରେଇ,ବ୍ଲକ ମୁଖ୍ୟ କିରାଣୀ ପୂର୍ଣ୍ଣଚନ୍ଦ୍ର କାଣ୍ଡି, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ପଙ୍କଜରାଜ ମିଞ୍ଜ,କାଶିମ ମହମ୍ମଦ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ସରକାରୀ ସୁବିଧାର ସୁପରିଚାଳନା ସହିତ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଦେବେ ବୋଲି ବିଡ଼ିଓ ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ।

## କୁମାର ଭାଇଙ୍କ ପଦଯାତ୍ରାର ସ୍ମୃତି ଦିବସ




**କୋଣାର୍କ,୧୪।୩(ସମିସ):** କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଗୁରୁବାର ଶୋଭନୀୟ ଆନ୍ଦୋଳନ ଓ ଶୋଭନୀୟ ଶିକ୍ଷାଶ୍ରମର ପ୍ରବର୍ତ୍ତକ କୁମାର ଭାଇଙ୍କ ପଦଯାତ୍ରାର ସ୍ମୃତିଦିବସ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠି, କୋଣାର୍କ କଲେଜର ଇଂରାଜୀ ଅଧ୍ୟାପକ ଅରବିନ୍ଦ ସାହୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋଲାରର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠି, ଅର୍କଶ୍ରୀ ସମ୍ପାଦକ ଉମେଶ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶୋଭନୀୟ ଆନ୍ଦୋଳନ ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କଟକ ବିଡ଼ାନାସୀସ୍ଥିତ ରେବା ଦେବୀ ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ଡ. ବନଲତା ଶତପଥୀ, ରବୀନ୍ଦ୍ରନାଥ ବାହିନୀପତି, ରେଡିଓ ନମସ୍କାରର ଅଧ୍ୟକ୍ଷ ଏନ୍. ଏ. ଶାହଃ ଅନ୍ସାରୀ ଯୋଗ ଦେଇଥିଲେ। ଶିକ୍ଷାଶ୍ରମର ଅଧ୍ୟକ୍ଷା ବିଦ୍ୟୁଲତା ଶତପଥୀ, ଶିକ୍ଷୟିତ୍ରୀ ମନୋରମା ମିଶ୍ର, ଗୀତାଞ୍ଜଳି ସାହୁ, ପ୍ରଭାତି ନାୟକସହଯୋଗ କରିଥିଲେ।



# ମା'ବରୁଣେଇଙ୍କୁ ଦର୍ଶନକଲେ '୫-ଟି' ଅଧ୍ୟକ୍ଷ

## ● ରୂପାନ୍ତରଣ କାର୍ଯ୍ୟ ଟିକିନିଖି ଅନୁଧ୍ୟାନ

## ● ମା'ଙ୍କ ଦର୍ଶନ ସାରି ବେଢ଼ା ପରିକ୍ରମା କଲେ

**ଖୋର୍ଦ୍ଧା, ୧୪।୩ (ସମିସ)**





ପବିତ୍ର ମୀନ ସଂକ୍ରାନ୍ତି ଅବସରରେ ସକାଳୁ ମା' ବରୁଣେଇ ପୀଠରେ ପହଞ୍ଚିଥିଲେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପଣ୍ଡିଆନ। ଭୋର ପ୍ରାୟ ୫ଟାରେ ମା'ଙ୍କ ପୀଠରେ ପହଞ୍ଚି ପ୍ରଥମେ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ବେଢ଼ା ପରିକ୍ରମା କରିଥିଲେ। ପରେ ବରୁଣେଇଙ୍କ ପୀଠରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଅନୁଧ୍ୟାନ କରିଥିଲେ। ବରିଷ୍ଠ ଅଧିକାରୀ, ମନ୍ଦିର ସେବାୟତ ଓ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ମନ୍ଦିରରେ ଚାଲିଥିବା ଉନ୍ନତୀକରଣ କାର୍ଯ୍ୟର ଟିକିନିଖି ଭାବେ ଅନୁଧ୍ୟାନ କରିବା ସହ ପରିସରରେ ଥିବା ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ ଶ୍ରୀ ପାଣ୍ଡିଆନ।

ପ୍ରକାଶ ଥାଉକି, ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ବରୁଣେଇ ପୀଠର ଉନ୍ନତୀକରଣ, ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପ୍ରସ୍ତାବ '୫-ଟି' ଅଧ୍ୟକ୍ଷ ସଚିବ ଥିବା ସମୟରେ ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକ୍ରମେ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଏହି ପର୍ଯ୍ୟଟନ ସ୍ଥଳୀକୁ ଆସି ଆଜି ମନ୍ଦିର ପରିକ୍ରମା କରିଥିଲେ। ତାଙ୍କ ସହ କ୍ରୀଡ଼ା ସଚିବ ଭିନିଲକ୍ରିଷ୍ଣା ମଧ୍ୟ ଆସିଥିଲେ। ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ବି. ଯୁଗୋଳ କିଶୋର କୁମାର '୫-ଟି' ଅଧ୍ୟକ୍ଷଙ୍କୁ ସ୍ୱାଗତ ଜଣାଇଥିଲେ। ଜିଲ୍ଲାପାଳଙ୍କ ସହ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀବୃନ୍ଦ, ପର୍ଯ୍ୟଟନ ଅଧିକାରୀ, ପୂର୍ତ୍ତ ବିଭାଗ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ବରୁଣେଇ ପୀଠର ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ଆଲୋଚନା କରିଥିଲେ।

ଭକ୍ତଙ୍କୁ ସର୍ବୋତ୍ତମ ସେବା ଯୋଗାଇଦେବା ପାଇଁ କହିଥିଲେ। ପୂର୍ବରୁ ଏହି ପୀଠରେ ସୀତାକୁଣ୍ଡ, ବରୁଣେଇ ପାହାଡ଼ର ଶିଖରକୁ ଯିବା ପାଇଁ ରାସ୍ତା, ରୋପ୍‌-ୱେ ପ୍ରଭୃତି ଉନ୍ନତିମୂଳକ କାର୍ଯ୍ୟ ଚାଲିଛି। ଏ ସମସ୍ତ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ମନ୍ଦିର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବା ବେଳେ ଯୁଦ୍ଧକାଳୀନ ଭିତ୍ତିରେ ଗୁଣବତ୍ତାକୁ ଆଧାର କରି କାମ ସାରିବାକୁ '୫-ଟି' ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ପରେ ମା'ଙ୍କ ଆଶୀର୍ବାଦ ନେଇ ପୀଠରୁ ୫.୫୨ମି ସମୟରେ ଭୁବନେଶ୍ୱର ଅଭିମୁଖେ ଗ୍ରସ୍ତ କରିଥିଲେ।

ତେବେ ଭୁବନେଶ୍ୱରଠାରୁ ମାତ୍ର ୨୫ କିମି ଦୂର ଜାତୀୟ ରାଜପଥ ରେ ଅନୁଷ୍ଠିତ ଖୋର୍ଦ୍ଧାର ଏହି ପର୍ଯ୍ୟଟନସ୍ଥଳୀ ବରୁଣେଇ ପୀଠର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି।

# ଓଡ଼ିଶା ୱାର୍ଡମେମ୍ବର ଶାଖା ପକ୍ଷରୁ ଭତ୍ତା ବୃଦ୍ଧି ଦାବି



**ଭୂଷଣ୍ଡପୁର, ୧୪।୩(ସମିସ):** ନିଖିଳ ଉତ୍କଳ ୱାର୍ଡ ମେମ୍ବର ଶାଖାର ଆହ୍ୱାନ କ୍ରମେ ଆଜି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକର ୱାର୍ଡ ମେମ୍ବର ମାନେ ଶଙ୍ଖ ଭବନ ଠାରେ ଏକାଠି ହୋଇଥିଲେ। ରାଜ୍ୟ ସରକାରଙ୍କ ପଞ୍ଚାୟତ ପ୍ରତିନିଧିଙ୍କୁ ବର୍ଦ୍ଧିତ ଭତ୍ତା ବୃଦ୍ଧିରେ ସେମାନଙ୍କୁ ଗୁରୁତ୍ୱ ଦିଆଯାଇନଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ପଞ୍ଚାୟତର ସମସ୍ତ ସମସ୍ୟା ତୃଣମୂଳସ୍ତରରୁ ସମାଧାନର ଦାୟିତ୍ୱ ସେମାନେ ନେଇଥାନ୍ତି ଯଥା ପ୍ରତ୍ୟକ ଲୋକଙ୍କର ବିଭିନ୍ନ ଅସୁବିଧା କୁ ପଞ୍ଚାୟତରେ ଆଣି ସମାଧାନ କରିବାକୁ ଚେଷ୍ଟା କରନ୍ତି ଏଣୁ ସେମାନଙ୍କର ବୈଠକ ଭତ୍ତା ୨୮୦ରୁ ୪୮୦ଟଙ୍କା ବଦଳରେ ମାସିକ ୪୦୦୦ଟଙ୍କା କରାଯିବାକୁ ଟାଙ୍ଗୀ ବ୍ଲକର ପ୍ରତିନିଧି ବିକ୍ରମ କେଶରୀ ଜେନା ଦାବି କରି ଆଜି ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ବବି ଦାସଙ୍କୁ ସାକ୍ଷାତ କରି ଜଣାଇଛନ୍ତି।









# ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ଓ ବରୁଣେଇର ଉନ୍ନତୀକରଣ ଦାବି

**ଖୋର୍ଦ୍ଧା, ୧୪।୩(ସମିସ):** ଭାରତର ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧାଗଡ଼ର ପୁନଃରୁଦ୍ଧାର ଓ ପାଇକ ପରମ୍ପରାର ଆରାଧ୍ୟ ଦେବୀ କରୁଣେଇପୀଠର ଉନ୍ନତିକରଣ ପାଇଁ ଆଜି ବରୁଣେଇ ଓ ଖୋର୍ଦ୍ଧାଗଡ଼ ବିକାଶ ପରିଷଦ ତରଫରୁ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଶ୍ରୀତପ ମିଶ୍ରଙ୍କୁ ପ୍ରଦାନ କରାଯାଇଛି।

ବରୁଣେଇ ଓ ଖୋର୍ଦ୍ଧାଗଡ଼ ବିକାଶ ପରିଷଦ ସୂଚନା ଅନୁସାରେ, ଖୋର୍ଦ୍ଧାଗଡ଼ ହେଉଛି ଭାରତର ଶେଷ ସ୍ୱାଧୀନ ଦୁର୍ଗ। ଏହିଠାରୁ ଆରମ୍ଭ ହୋଇଥିଲା ଭାରତ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ଅଗ୍ନି ସ୍ଫୁଲିଙ୍ଗ ପାଇକ ବିଦ୍ରୋହ। ଯାହାର ନେତୃତ୍ୱ ନେଇଥିଲେ ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ତାପଙ୍ଗ ଦଳବେହେରା, କୃତିବାସ ପାଟଶାଣୀ ଓ ପିଣ୍ଡିକି ବାଲୁବଳେନ୍ଦ୍ର। ୧୮୧୭ମସିହାରେ ଆରମ୍ଭ ହୋଇଥିବା ପାଇକ ବିଦ୍ରୋହରେ ଓଡ଼ିଆ ଜାତିର ଲକ୍ଷ ଲକ୍ଷ ପାଇକମାନଙ୍କର ରକ୍ତରେ ରଞ୍ଜିତ ଏହି ଖୋର୍ଦ୍ଧାଗଡ଼ ଆଜି ଏହାର ମୁକସାକ୍ଷୀ। ୧୫୭୨ମସିହାରୁ ୧୮୦୪ ମସିହା ପର୍ଯ୍ୟନ୍ତ ୨୩୨ବର୍ଷ ଧରି ଏହି ଗଡ଼ ହିଁ



ଥିଲା ଓଡ଼ିଶାର ରାଜଧାନୀ, ଯେଉଁଠାରୁ ସିଧା ସଳଖ ପୁରୀ ଶ୍ରୀମନ୍ଦିରର ପରିଚାଳନା କରାଯାଉଥିଲା।

ଐତିହାସିକ ଦୃଷ୍ଟିକୋଣରୁ ଚିନ୍ତାକଲେ ଖୋର୍ଦ୍ଧାଗଡ଼ ହେଉଛି ଆମ ଦେଶର ସବୁଠାରୁ ପବିତ୍ର ସ୍ଥାନ। ଏହି ଗଡ଼ର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହିତ ଓଡ଼ିଶାର ସାଢ଼େ ଚାରିକୋଟି ପାଇକମାନଙ୍କର ଭାବାବେଗର ସମ୍ପର୍କ ଯୋଡି ହୋଇରହିଛି। ପାଇକ ବିଦ୍ରୋହର ୨୦୦ବର୍ଷ ପୂର୍ତ୍ତି ପାଳନ ଅବସରରେ ୨୦୧୭ମସିହାରେ ମୁଖ୍ୟମନ୍ତ୍ରୀ ମଧ୍ୟ ଘୋଷଣା କରିଥିଲେ ଏହି ଗଡ଼ର ପୁନଃରୁଦ୍ଧାର ଖୁବ୍‌ ଶୀଘ୍ର ରାଜ୍ୟ ସରକାରଙ୍କ ଦ୍ୱାରା କରାଯିବ।କିନ୍ତୁ ଏହି କାର୍ଯ୍ୟ ଏପର୍ଯ୍ୟନ୍ତ କରାଯାଇନାହିଁ। ବର୍ଷ ବର୍ଷ ଧରି ଏହାର ପୁନଃରୁଦ୍ଧାର ପାଇଁ ଆଶା ରଖିଥିବା ପାଇକ ସମ୍ପ୍ରଦାୟର କୋଟି କୋଟି ପାଇକମାନଙ୍କର ଆଶା ପୁରଣ ନ ହେବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ତେଣୁ ଏନେଇ ରାଜ୍ୟସରକାର ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ଓ ବରୁଣେଇ ଉନ୍ନତିକରଣ ନିମନ୍ତେ ଗୁରୁତ୍ୱ ଦେବାକୁ ପରିଷଦ ପକ୍ଷରୁ ନିବେଦନ କରାଯାଇଛି। ନଚେତ୍‌ ଓଡ଼ିଶାର ପାଇକମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣାରେ ବସିବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଗୁରୁବାର ପରିଷଦର ସଭାପତି ଡ. ଦିଲୀପ ଶ୍ରୀଚନ୍ଦନ ଓ ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ଡ.ବୃନ୍ଦାବନ ପଣ୍ଡା, ପ୍ରଫୁଲ ସାମନ୍ତରାୟ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଆଇନଜୀବୀ ବିକ୍ରମ ଚମ୍ପତି, ସମାଜସେବୀ ପି. ତ୍ରିପତୀ ବାଲାଜୀ ପାତ୍ର, ଗିରିଜା ପଟ୍ଟନାୟକ ଓ ମା ବରୁଣେଇ ପାଇକ ଆଖଡ଼ା ସଂଘର ସଭ୍ୟମାନେ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।




## ଗାଡ଼ି ଜବତ ; ୩ ଗୋରୁ ଉଦ୍ଧାର



ନିରାକାରପୁର, ୧୪।୩(ସମିସ): ସକାଳେ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅଞ୍ଚଳରେ ତିନୋଟି ଗୋରୁଙ୍କୁ ଗୋଟିଏ ଟାଟା ମ୍ୟାଜିକ ଗାଡି ନଂ ଓଡି ୦୨-ସିଜେ ୯୬୩୨ ରେ ନିଆ ଯାଉଥିବା ବେଳେ ଜଙ୍କିଆ ପୁଲିସ ଗାଡିକୁ ଅଟକାଇ ପଚରାଉଚରା କରିଥିଲା। ଅତି ନିର୍ଦ୍ଦୟ ଭାବେ ନିଆଯାଉଥିବା ୩ ଟି ଗୋରୁ ମଧ୍ୟରୁ ଗୋଟିକୁ ତାର ମାଲିକ ଜୀମା ଦିଆଯାଇଥିବା ବେଳେ ଅନ୍ୟ ଦୁଇଟିକୁ ପୁବୁ ସାହି ଗୋଶାଳାକୁ ପଠାଇ ଦିଆଯାଇଛି। ମାଲିକ, ଡ୍ରାଇଭର ଫେରାର ଅଛନ୍ତି।ଏସମ୍ପର୍କରେ, ଜଙ୍କିଆ ପି.ଏସ୍ କେସ୍ ନଂ ୧୦୧/୨୪ ପଞ୍ଜିକୃତ ହୋଇଛି।

## ଚୋରି ମୋବାଇଲ ଓ ଟଙ୍କା ଉଦ୍ଧାର



ନିରାକାରପୁର, ୧୪।୩(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ନନପଡ଼ା ସାହିର ଗଜେନ୍ଦ୍ର ମାର୍ଥାଙ୍କ ଝିଅ ଅପରାଜିତା ମାର୍ଥା ଗତ ୧୦ ତାରିଖରେ ତାଙ୍କର ମୋବାଇଲ ଓ କିଛି ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଥିଲା। ଗୁରୁବାର ନିରାକାରପୁର ଥାନା ପୋଲିସ ଭୋଇସାହିର ସହଦେବ ମହାନ୍ତିଙ୍କୁ ଗିରଫ କରିବା ସହିତ ଗୋଟିଏ ୱାନ ପ୍ଲସ ମୋବାଇଲ ଓ ୬୦୦ ଟଙ୍କା ଉଦ୍ଧାର କରିଛନ୍ତି।

### ବର୍ଷକରେ ଧରାହେଲାଣି ୨ କେଜି ବ୍ରାଉନସୁଗର

# ୨୪ ମାମଲାରେ ୫୪ ଗିରଫ

ଖୋର୍ଦ୍ଧା, ୧୪।୩(ସମିସ)

ଦିନକୁ ଦିନ ଧଳାଜହର ବେପାର ବଢ଼ିବାରେ ଲାଗିଛି। ବାଲେଶ୍ୱର ଜଳେଶ୍ୱର ପ୍ରଭୃତି ଅଞ୍ଚଳରୁ ଆସି ଏଠାରୁ ବିଭିନ୍ନ ଅଞ୍ଚଳକୁ ପଠାଯାଉଛି।ସହରରେ ନିଶା କାରବାରର ମାତ୍ରା ବୃଦ୍ଧି ପାଉଥିବାବେଳେ ଏହାକୁ ରୋକିବା ଲାଗି ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇଥିଲା। ଏବେ ପୁଣି ପୁଲିସ ଏହାର ନେଟୱର୍କ ଖୋର୍ଦ୍ଧାରୁ ପଶ୍ଚିମବଙ୍ଗକୁ ଲମ୍ବିଥିବା ଜାଣିବାକୁ ପାଇଛି। କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଲାଳସାରେ ଯୁବପିଢି ଏଥିରେ ସାମିଲ ହୋଇ ବିପଦଗାମୀ ହେବା ସହ ଅପରାଧିକ ମାମଲାରେ ଜଡିତ ହୋଇ ବିପଥଗାମୀ ହେଉଛନ୍ତି। ଖୋର୍ଦ୍ଧାରୁ ଧଳାଜହର ଲୋପ ଲାଗି ବିକଳ୍ପ ଦେଖାଯାଉନଥିବାବେଳେ ଏସପିଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ ହୋଇଥିଲା ଅପରସନ। ୨୦୨୨ବର୍ଷ ଅପେକ୍ଷା ୨୦୨୩ ବର୍ଷର ବ୍ରାଉନସୁଗର ଜବତ ଘଟଣା ଦେଖିଲେ ଏଥିରେ ଖୋର୍ଦ୍ଧା ଉପଖଣ୍ଡ ପୁଲିସକୁ ମିଳିଛି ବଡ ସଫଳତା।

ଖୋର୍ଦ୍ଧାରୁ ବ୍ରାଉନସୁଗର ମୂଳପୋଛ କରିବା ଉଦ୍ଦେଶ୍ୟରେ ପୁଲିସ ଆରମ୍ଭ କରିଥିବା ଅପରେସନକୁ ଗତ ସେପ୍ଟେମ୍ବର ୯ରୁ ଏସଡିପିଓ ଦିଲିପ ଦାସ ଏହି ଅପରେସନ କୁ ଜୋରଦାର କରିଥିଲେ।୨୦୨୨ବର୍ଷ ଖୋର୍ଦ୍ଧା ପୁଲିସ ୫ଟି କମର୍ସିଆଲ କ୍ୱାଣ୍ଟିଟିରେ ବ୍ରାଉନସୁଗର ଧରିଥିବାବେଳେ ୨୦୨୩ବର୍ଷରେ ପ୍ରାୟ ୭ଟି କମର୍ସିଆଲ କ୍ୱାଣ୍ଟିଟିରେ ବ୍ରାଉନସୁଗର ଧରିଥିବା ବେଳେ ଚଳିତ ବର୍ଷ ଗତ ୨୦ତାରିଖରେ ଆଉ ଏକ କମର୍ସିଆଲ କ୍ୱାଣ୍ଟିଟିର ବ୍ରାଉନସଗର ସମେତ ମୁଖ୍ୟ ଲେଡି ଡନ୍ ଓ ତାର ୫ସହଯୋଗୀଙ୍କୁ ଧରି ପୁଲିସ ଏବେ ଚର୍ଚ୍ଚାରେ। ୨୦୨୨ ବର୍ଷରେ ୨୬ଟି ମାମଲାରେ ୬୪ଜଣଙ୍କୁ ପୁଲିସ ଗିରଫ କରିଥିଲା। ସେମାନଙ୍କଠାରୁ ମୋଟ ୧୨୭୦.୬୪ଗ୍ରାମ ଓଜନର ବ୍ରଆଉନସୁଗର ଏବଂ ପ୍ରାୟ ୧୯ଲକ୍ଷ ଟଙ୍କା, ୧୭ଟି ମୋଟର ସାଇକେଲ ଓ ୨ଟି ଦାମୀକାର୍‌କୁ ପୁଲିସ ଜବତ କରିଥିଲା। ସେହିପରି ୨୦୨୩ବର୍ଷ ରେ ୨୪ଟି ମାମଲାରେ ୫୪ଜଣଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କଠାରୁ ମୋଟ ୧୮୭୯.୨୩ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଛି।



ଏଥିସହିତ ନଗଦ ୨୮ହଜାର ୩୬୦ଟଙ୍କା, ୧୦ଟି ବାଇକ୍, ୨ଟି ଦାମୀ କାର ଓ ଗୋଟିଏ ବନ୍ଧୁକ ସହ ଜୀବନ୍ତ ଗୁଳିକୁ ପୁଲିସ ଜବତ କରିଥିଲା। ଏହିବର୍ଷ ଠେଙ୍ଗାହାଟ ଛକରେ ମାଛ ବ୍ୟବସାୟୀ ପାକୁ କୁ ହତ୍ୟା କରିଥିବା ମୁଖ୍ୟ ବ୍ରାଉନସୁଗର ବେପାରୀ ସଞ୍ଜୁ ଓ ତାର ଟିମ୍‌କୁ ପୁଲିସ ଗିରଫ କରିଥିଲା।

ମିଳିଥିବା ତଥ୍ୟ ଅନୁସାରେ, ଆଦର୍ଶଥାନା ପୁଲିସ ୨୦୨୨ରେ ୧୯ଟି ମାମଲାରେ ୪୫ଜଣଙ୍କଠାରୁ ୧୧ଶହ ଗ୍ରାମର ବ୍ରାଉନସୁଗର, ୧୯ଲକ୍ଷ ୨୧ହଜାର୪୯୦ଟଙ୍କା, ୧୦ଗାଡି ଜବତ କରିଥିଲା। ସେହିବର୍ଷ ୩ଟି ମାମଲାରେ ୪ଜଣଙ୍କ ଠାରୁ ୧୩୦ ଗଞ୍ଜେଇ ସମେତ ୨ଟି ବାଇକ୍ ଜବତ କରିଥିଲା। ମାତ୍ର ୨୦୨୩ରେ ୧୩ଟି ମାମଲାରେ ୩୨ଜଣଙ୍କ ଠାରୁ ୧୭୨୨ଗ୍ରାମ ବ୍ରାଉନସୁଗର, ନଗଦ ୨୬ହଜାର ୨୨୦ଟଙ୍କା, ବୋଲେରୋ ଓ ଅଟୋ ସମେତ ୬ଗାଡିକୁ ଜବତ କରିଥିଲା। ଏହିବର୍ଷ ପୁଲିସ ଗୋଟିଏ ଗଞ୍ଜେଇ କେଶ ରେ ୨ଜଣଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ୨୮.୨୦୦କେଜି ଗଞ୍ଜେଇ ଓ ଏକ କାର୍‌କୁ ଜବତ କରିଥିଲା।

ସଦରଥାନା ପୁଲିସ ୨୦୨୨ରେ ୩ଟି ମାମଲାରେ ୭ଜଣଙ୍କ ଠାରୁ ୩୮.୫୩ଗ୍ରାମ ବ୍ରାଉନସୁଗର, ନଗଦ ୧୫, ୫୩୦ଟଙ୍କା ଓ ୫ଗାଡି ଜବତ କରିଥିଲା। ୨୦୨୩ରେ ଗୋଟିଏ ମାମଲାରେ ୨ଜଣଙ୍କ ଠାରୁ ୨୧ଗ୍ରାମ ଜବତ କରିଛି। ଜଙ୍କିଆ ପୁଲିସ ୨୦୨୨ରେ ୨ଟି ମାମଲାରେ ୩ଜଣଙ୍କୁ ଗିରଫ କରିବା ସହ ୩୬ଗ୍ରାମ ବ୍ରାଉନସୁଗର ଓ ଗୋଟିଏ କାର ଜବତ କରିଛି। ୨୦୨୩ରେ ଗୋଟିଏ ମାମଲାରେ ୨ଜଣଙ୍କୁ ଗିରଫ କରିବା ସହ ୧୨.୫୭ଗ୍ରାମ ବ୍ରାଉନସୁଗର ଓ ଗୋଟିଏ ବାଇକ ଜବତ କରିଛି। ୨୦୨୨ରେ ବାଘମାରୀ ପୁଲିସ ୩ଟି କେଶରେ ୮ଜଣଙ୍କ ଠାରୁ ୯୨ଗ୍ରାମ ଜବତ କରିଥିବାବେଳେ ୨୦୨୩ରେ ୪ଟି କେଶ ରେ ୯ଜଣଙ୍କ ଠାରୁ ୫୨.୪୭ଗ୍ରାମ ଜବତ କରିଛି। ବେଗୁନିଆ ପୁଲିସ ୨୦୨୨ରେ ଜଣକୁ ଗିରଫ କରି ୬.୩୨ଗ୍ରାମ ଜବତ କରିଥିବା ବେଳେ ୨୦୨୩ରେ ୨ଟି ମାମଲାରେ ୩ଜଣଙ୍କ ଠାରୁ ୩୨.୧୯ଗ୍ରାମ ଜବତ କରିଛି। ୨୦୨୩ରେ ବୋଲଗଡ଼ ପୁଲିସ ୨ଟି ମାମଲାରେ ୪ଜଣଙ୍କ ଠାରୁ ୨୦ଗ୍ରାମ ବ୍ରାଉନସୁଗର ଏବଂ ଶିଳ୍ପାଞ୍ଚଳ ଥାନା ପୁଲିସ ଗୋଟିଏ ମାମଲାରେ ୨ଜଣଙ୍କ ଠାରୁ ୨୦ଗ୍ରାମ ବ୍ରାଉନସୁଗର ସହ ଗୋଟିଏ ବନ୍ଧୁକ ସହ ଜୀବନ୍ତ ଗୁଳିକୁ ଜବତ କରିଥିଲା। ୨୦୨୨ବର୍ଷରେ ପୁଲିସ ୧କୋଟି ୨୭ଲକ୍ଷ ମୁଲ୍ୟର ବ୍ରାଉନସୁଗର ଜବତ କରିଥିବାବେଳେ ୨୦୨୩ରେ ୧କୋଟି ୮୭ଲକ୍ଷ ୯୦ହଜାରରୁ ଊର୍ଦ୍ଧ୍ୱ ମୂଲ୍ୟର ବ୍ରାଉନସୁଗର ଜବତ କରିଛି।

ଏନେଇ ସଦର ଏସଡିପିଓ ଦିଲିପ ଦାସଙ୍କ କହିବା କଥା ଖୋର୍ଦ୍ଧା ଅଞ୍ଚଳରୁ ଯଦିଓ ବ୍ରାଉନସୁଗର କମିଛି ତଥାପି ବାହାରୁ ଆସୁଥିବା ଗ୍ୟାଙ୍ଗର ଗତିବିଧିକୁ ନଜର କରାଯାଉଛି। ଅଗାମୀ ଦିନରେ ଖୋର୍ଦ୍ଧା ବ୍ରାଉନସୁଗର ମୁକ୍ତ କରିବା ଲାଗି ପୁଲିସ ପଣ କରିଛି।ବଛାବଛା ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ଏନେଇ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛନ୍ତି।

### କେରଙ୍ଗ ଅହମଦୀୟା କପ୍ ଫୁଟବଲ୍

## ପ୍ରଥମ ସେମିରେ ଯୁବଜ୍ୟୋତି କ୍ଲବ୍ ବିଜୟୀ

ଖୋର୍ଦ୍ଧା, ୧୪।୩(ସମିସ): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କେରଙ୍ଗ ଗ୍ରାମରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଯୁବଜ୍ୟୋତି କ୍ଲବ ପଙ୍କାଳ ଓ ସାରଳା କ୍ଲବ୍ ଢେଙ୍କାନାଳ ମଧ୍ୟରେ ହୋଇଥିଲା ଏହି ଖେଳରେ ଯୁବଜ୍ୟୋତି କ୍ଲବ୍ ପଙ୍କାଳ ବିଜୟୀ ହୋଇଥିଲା। ପ୍ରଥମାର୍ଦ୍ଧରେ ଯୁବ ଜ୍ୟୋତି କ୍ଲବର ୯ ନମ୍ବର ଜର୍ସି ବିଜୁଙ୍କ ଗୋଟେ ସୁନ୍ଦର ଗୋଲ ଫଳରେ ୧-୦ ଗୋଲରେ ଅଗ୍ରଣୀ ଲାଭ କରି ଥିଲା। ଦ୍ୱିତୀୟାର୍ଦ୍ଧରେ ଦୁଇ ଟିମ୍ ସଂଘର୍ଷ ଖେଳ ପ୍ରଦର୍ଶନ କରିଥିଲେ। ୬୦ ମିନିଟ୍ ଖେଳ ହୋଇଥିବା ବେଳେ ଜର୍ସି ନମ୍ବର ୧୬ ବିନୟକିସାନଙ୍କ ଚିତାକର୍ଷକ ଗୋଲ ସହ ୨-୦ ଗୋଲରେ ଯୁବ ଜ୍ୟୋତି କ୍ଲବ ଅଗ୍ରଣୀ ଲାଭ କରି ବିଜୟୀ ହୋଇଥିଲା। ଖେଳକୁ ମୁଖ୍ୟ ରେଫରି ଭାବେ ପି.କେ ନାଏକ ପରିଚାଳନା କରିଥିଲେ।



ତାଙ୍କୁ ଲାଇନରେ ଶଗିର ଅହମ୍ମଦ, ପି.କେ ବେହେରା ଫୋର୍ଥ ରେଫେରି ଭାବେ ଅମଜାଦ ଏହେଶାନ୍ ସାହାଯ୍ୟ କରିଥିଲେ। ମ୍ୟାଚ୍ କମିଶନ ଭାବେ ଶୋଏବ ଅହମ୍ମଦ ତୁଲାଇ ଥିଲେ।ଏହି ଖେଳରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମବୁରୁର ହୋସେନ୍, ସମ୍ମାନିତ ଅତିଥି ଭାବେ ମସିହନଗର ଗ୍ରାମ୍ୟ କମିଟିର ସଭାପତି ଓଲମୁଦ୍ଦିନ ଖାଁ, କେରଙ୍ଗ ପଞ୍ଚାୟତ କଂଗ୍ରେସ କମିଟି ସଭାପତି ସରିଫ୍ ମହମ୍ମଦ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ମଦ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

ବେଗୁନିଆ, ୧୪।୩(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ପରିଛଳ- ଦେଉଳି ରାସ୍ତାରେ ବିକ୍ରୀ ଉଦ୍ଦେଶ୍ୟରେ ୧୦ ଲିଟର ଦେଶୀ ମଦ ଧରି ବିକ୍ରୀ ଉଦ୍ଦେଶ୍ୟରେ ଯାଉଥିଲେ। ପୁଲିସ ଖବର ପାଇ ଅଭିଯୁକ୍ତ ଓଗାଳପୁର ଗ୍ରାମର ବିପିନ ବିଶ୍?ାଲଙ୍କୁ ଅତର୍କିତ ଭାବେ ଚଢାଉ କରି ମଦକୁ ଜବତ କରିବା ସହ କୋର୍ଟ ଚାଲାଣ କରିଛି ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ସୂଚନା ଦେଇଛନ୍ତି।

## ଜମି ଜାଲିଆତି ମାମଲାରେ କିରାଣୀ ଗିରଫ

ଜଟଣୀ, ୧୪।୩(ସମିସ): ଜମି ଜାଲିଆତି ମାମଲାରେ ଜଟଣୀ ସବରେଜିଷ୍ଟର କାର୍ଯ୍ୟାଳୟର ବରିଷ୍ଠ କିରାଣୀଙ୍କୁ ଗୁରୁବାର ବଡ଼ଗଡ଼ ଥାନା ପୁଲିସ ଉପରୋକ୍ତ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଦିବାକର ସାହୁ ନାମକ ଜଣେ ଅଭିଯୁକ୍ତଙ୍କର ଖଣ୍ଡଗିରି ଅନ୍ତର୍ଗତ ଦାସପୁର ମୌଜା ଠାରେ ୧୮୬/୧୧୫୧ ନମ୍ବର ବିଶିଷ୍ଟ ଏକ ପ୍ଲଟ ରହିଥିଲା। ସେ କାଞ୍ଚନମ ଆଲେକ୍ସଙ୍କୁ ତା.୨୬.୦୬.୧୯୮୨ ରିଖରେ ଏହି ପ୍ଲଟକୁ ବିକ୍ରି କରିଥିବା ବେଳେ, କାଞ୍ଚନମ ଆଲେକ୍ସ ଉକ୍ତ ପ୍ଲଟକୁ ଶ୍ରୀମତୀ ସାବିତ୍ରୀଦେବୀ ଚୌଧୁରୀ ନାମକ ଜଣେ ମହିଳାଙ୍କୁ ୧୯୯୨ରେ ବିକ୍ରି କରିଦେଇଥିଲେ। କିନ୍ତୁ ରେକର୍ଡ ଅଫ ରାଇଟ୍ସରେ ଉଭୟଙ୍କ ନାମ ସଂଶୋଧନ ହୋଇନପାରି, ମୂଳ ଜମି ମାଲିକ ଅଭିଯୁକ୍ତ ଦିବାକର ସାହୁଙ୍କ ନାମ ପୂର୍ବବତ୍ ରହିଥିଲା। ଜମି ମାଲିକ ଦିବାକର ସାହୁ ଏହାର ସୁଯୋଗ ନେଇ ଲୋକଙ୍କୁ ଠକିବାର ଅଭିପ୍ରାୟ ରଖି ଅନ୍ୟ ଜଣେ ଅଭିଯୁକ୍ତ ହୃଦାନନ୍ଦ ସାହୁଙ୍କ ନାମରେ ପାୱାର ଅଫ ଆଟର୍ଣ୍ଣି ପ୍ରସ୍ତୁତ କରି ତାଙ୍କୁ ଉକ୍ତ ଜମିକୁ ବିକ୍ରି କରିବା ପାଇଁ ଅଗ୍ରାଧିକାର ଦେଇଥିଲେ। ଅଭିଯୁକ୍ତ ହୃଦାନନ୍ଦ ସାହୁ ନିଜକୁ ଉକ୍ତ ଜମିର ପାୱାର ଅଫ ଆଟର୍ଣ୍ଣି ଦର୍ଶାଇ ମୋଟ ୨୨ ଜଣ ଭିନ୍ନ ଭିନ୍ନ ଗ୍ରାହକଙ୍କୁ ଉକ୍ତ ପ୍ଲଟଟିକୁ ବିକ୍ରି କରିଥିଲେ। ଅଭିଯୁକ୍ତ ଦିବାକର ସାହୁ ଓ ଅଭିଯୁକ୍ତ ହୃଦାନନ୍ଦ ସାହୁଙ୍କୁ ଏହି ଜମି ଠକେଇ ମାମଲାରେ ନିମ୍ନୋକ୍ତ ଅଭିଯୁକ୍ତ ରାଜୀବ ଲୋଚନ ମହାପାତ୍ର ସହଯୋଗ କରିଥିଲେ। ଏହି ଘଟଣାର ତଦନ୍ତ କରି ବଡଗଡ଼ ଥାନା ପୁଲିସ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଦିବାକର ସାହୁଙ୍କୁ ଗତ ତା.୦୭.୦୧.୨୦୨୩ ରିଖ ଓ ଅଭିଯୁକ୍ତ ହୃଦାନନ୍ଦ ସାହୁଙ୍କୁ ଗତ ତା.୦୬.୧୨.୨୦୨୩ ରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲାର ଅଧିକ ତଦନ୍ତ ଚାଲିଥିବା ବେଳେ ବଡଗଡ଼ ଥାନା ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଜଟଣୀସ୍ଥିତ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଚଢ଼ଉ କରି ନିମ୍ନୋକ୍ତ ଅନ୍ୟ ଜଣେ ଅଭିଯୁକ୍ତ ରାଜୀବ ଲୋଚନ ମହାପାତ୍ରଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିଥିଲେ। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି।






## ଠିକାଦାର ପୋଷୁଛି ଉଠା ଜଳସେଚନ ବିଭାଗ

# ମୁନ୍ଦେ ପାଣି ମାଡୁନି, ପ୍ରକଳ୍ପ ଖତ



### ● ଜିଲ୍ଲାରେ ମାଳମାଳ ପ୍ରକଳ୍ପ ଅଚଳ

ନୟାଗଡ଼, ୧୪।୩(ସମିସ): ନୟାଗଡ଼ ଜିଲ୍ଲାରେ ଉଠା ଜଳସେଚନ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ ସ୍ଥିତିରେ ରହିଛି। ଜିଲ୍ଲାରେ ମାଳମାଳ ପ୍ରକଳ୍ପ ଅଚଳ ହୋଇପଡ଼ିଥିବା ବେଳେ ଅନେକ ପ୍ରକଳ୍ପ ଅଧପନ୍ତରିଆ ଅବସ୍ଥାରେ ରହିଛି। ନୟାଗଡ଼ ଉଠା ଜଳସେଚନ ଖଣ୍ଡର ୨୦୨୩-୨୪ ବର୍ଷରେ ୭୭ଟି ନୂତନ ପ୍ରକଳ୍ପ ହାତକୁ ନିଆଯାଇଛି। ସେହିଭଳି ୨୦୨୨-୨୩ ବର୍ଷରେ ୩୨ଟି ପ୍ରକଳ୍ପ ହାତକୁ ନିଆଯାଇଥିଲା। ତାହା ମଧ୍ୟରୁ ଅନେକ ପ୍ରକଳ୍ପ ଏବେ ବି ସମ୍ପୂର୍ଣ୍ଣ ହୋଇପାରି ନ ଥିବା ସହ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନ ଥିବା ଜଣାପଡ଼ିଛି। ୨୦୨୩-୨୪ରେ ନୟାଗଡ଼ ବ୍ଲକରେ ୫୬ ହେକ୍ଟର ଜମି ପାଇଁ ୫୦ ଲକ୍ଷ ଟଙ୍କାରେ ୩ଟି ପ୍ରକଳ୍ପ ମଞ୍ଜୁର ହୋଇଛି। ସେହିଭଳି ଓଡ଼ଗାଁ ବ୍ଲକରେ ୧୨୪ ହେକ୍ଟର ଜମି ପାଇଁ ୧୪୭ ଲକ୍ଷ ଟଙ୍କାରେ ୭ଟି ପ୍ରକଳ୍ପ, ଖଣ୍ଡପଡ଼ା ବ୍ଲକରେ ୪୭୬ ହେକ୍ଟର ଜମି ପାଇଁ ୪୩୮.୫ ଲକ୍ଷ ଟଙ୍କାରେ ୨୧ଟି ପ୍ରକଳ୍ପ, ଭାପୁର ବ୍ଲକରେ ୨୦୦ ହେକ୍ଟର ଜମି ପାଇଁ ୧୪୯ ଲକ୍ଷ ଟଙ୍କାରେ ୭ଟି ପ୍ରକଳ୍ପ, ଗଣିଆ ବ୍ଲକରେ ୧୪୦ ହେକ୍ଟର ଜମି ପାଇଁ ୧୫୫ ଲକ୍ଷ ଟଙ୍କାରେ ୭ଟି ପ୍ରକଳ୍ପ, ଦଶପଲ୍ଲା ବ୍ଲକରେ ୧୪୦ ହେକ୍ଟର ଜମି ପାଇଁ ୧୫୯ ଲକ୍ଷ ଟଙ୍କାରେ ୭ଟି ପ୍ରକଳ୍ପ, ନୂଆଗାଁ ବ୍ଲକରେ ୨୨୦ ହେକ୍ଟର ଜମି ପାଇଁ ୨୫୭ ଲକ୍ଷ ଟଙ୍କାରେ ୧୧ଟି ପ୍ରକଳ୍ପ ଏବଂ ରଣପୁର ବ୍ଲକରେ ୨୮୦ ହେକ୍ଟର ଜମି ପାଇଁ ୩୧୭.୧୪ ଲକ୍ଷ ଟଙ୍କାରେ ୧୪ଟି ପ୍ରକଳ୍ପ ମଞ୍ଜୁର ହୋଇଛି। ମୋଟ ୧୬୩୬ ହେକ୍ଟର ଜମି ପାଇଁ ୧୬୭୨.୯୦ ଲକ୍ଷ ଟଙ୍କାରେ ୭୭ଟି ପ୍ରକଳ୍ପ ମଞ୍ଜୁର ହୋଇଛି। ୨୦୨୨-୨୩ ବର୍ଷରେ ନୟାଗଡ଼ ବ୍ଲକରେ ୩ଟି ପ୍ରକଳ୍ପ ରହିଥିଲା। ସେହିଭଳି ଓଡ଼ଗାଁ ବ୍ଲକରେ ୫ଟି, ଖଣ୍ଡପଡ଼ାରେ ୧୦ଟି, ଭାପୁର ୨ଟି, ଦଶପଲ୍ଲାରେ ୫ଟି, ନୂଆଗାଁରେ ୭ଟି ପ୍ରକଳ୍ପ ରହିଥିବା ବେଳେ ଗଣିଆ ଓ ରଣପୁର ବ୍ଲକରେ କୌଣସି ପ୍ରକଳ୍ପ ନ ଥିଲା। ଉକ୍ତ ବର୍ଷ ମୋଟ ୬ଟି ବ୍ଲକରେ ୩୨ଟି ପ୍ରକଳ୍ପ ରହିଥିଲା। ବର୍ତ୍ତମାନ ନୂତନ ପ୍ରକଳ୍ପ ଆସିସାରିଥିବା ବେଳେ ପୂର୍ବ ବର୍ଷର ଅନେକ ପ୍ରକଳ୍ପ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ନ ଥିବା ଜଣାପଡ଼ିଛି। ଖଣ୍ଡପଡ଼ା ୧୦ଟି ପ୍ରକଳ୍ପରୁ ୬ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ ସେଥିରୁ ୪ଟି ଚାଲୁ ରହିଛି। ୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇ ନ ଥିବାବେଳେ ୪ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନ ଥିବା ଉଠା ଜଳସେଚନ ନିଗମର ତଥ୍ୟରୁ ଜଣାପଡ଼ିଛି। ସେହିଭଳି ଦଶପଲ୍ଲାରେ ୫ଟି ପ୍ରକଳ୍ପରୁ ୪ଟି ପ୍ରକଳ୍ପ କାର୍ଯ୍ୟସମ୍ପୂର୍ଣ୍ଣ ହୋଇଥିବା ବେଳେ ସେଥିରୁ ମାତ୍ର ଗୋଟିଏ ପ୍ରକଳ୍ପ ଚାଲୁ ରହିଥିବା ଜଣାପଡ଼ିଛି। କାହା ସ୍ୱାର୍ଥରେ ବିଭାଗ କାର୍ଯ୍ୟ କରୁଛି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ନୟାଗଡ଼, ୧୪।୩(ସମିସ):

ନୟାଗଡ଼ ଜିଲ୍ଲାରେ ଉଠା ଜଳସେଚନ ବିଭାଗ କେବଳ ଠିକାଦାର ପୋଷୁଛି। ମାଳମାଳ ପ୍ରକଳ୍ପ ନିର୍ମାଣ ହେଉଥିବା ବେଳେ ଚାଷୀଙ୍କ କାମରେ ଆସୁନି। ନୟାଗଡ଼ ସଦରବ୍ଲକ ଅଧୀନ କ୍ରିଦାଶପୁର ପଞ୍ଚାୟତ କ୍ରିଦାଶପୁର ଗ୍ରାମରେ ଗତବର୍ଷ ଏକ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ତାହା ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଯାଇ ନାହିଁ। ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର କେବଳ ଟେଷ୍ଟିଂ କରି ଚାଲି ଯାଇଥିବା ସୂଚନା ମିଳିଛି। ଏହି ପ୍ରକଳ୍ପ ପାଇଁ

### ● ତାର ଓ ଟ୍ରାନ୍ସଫର୍ମର ଚୋରି; ପମ୍ପର ପତ୍ତା ମିଳୁନି, ଠିକାଦାର ଛୁ'

ଆସିଥିବା ବିଦ୍ୟୁତ୍ ଖୁଣ୍ଟରୁ ମାସେ ତଳେ ତାର ଚୋରି ହୋଇଯାଇଥିଲା। ଦୁଇ ଦିନ ତଳେ ଏହାର ଟ୍ରାନ୍ସଫର୍ମରକୁ କାଟି ଦୁର୍ବୃତ୍ତମାନେ ତାହା ମଧ୍ୟରେ ରହୁଥିବା ତମ୍ବା ସାମଗ୍ରୀ ଲୁଟ୍ କରିଥିବା ଦେଖାଯାଇଛି। ଟ୍ରାନ୍ସଫର୍ମର ଖୋଳପା ପଡ଼ି ରହିଛି। ପ୍ରକଳ୍ପ ପାଇଁ ବ୍ୟବହୃତ ହେଉଥିବା ପମ୍ପ କାହା ପାଖରେ ରହିଛି, ତାହା ଜଣାପଡ଼ି ନାହିଁ। ୟୁଜିପିଏଲ୍ ସିଷ୍ଟମରେ ଜମିକୁ ଜଳସେଚନ ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଖତ ପାଲଟିବା ବିଭାଗୀୟ ଅପାରଗତାକୁ ପଦାରେ ପକାଇଛି। ନୟାଗଡ଼ ଜିଲ୍ଲାରେ ଏଭଳି ଶହ ଶହ ପ୍ରକଳ୍ପ ଖତ ଖାଉଥିବା ବେଳେ ତାହା ମଧ୍ୟରୁ ନୟାଗଡ଼ ବ୍ଲକ କ୍ରିଦାଶପୁରରେ ନିର୍ମାଣ କରାଯାଇଥିବା ପ୍ରକଳ୍ପ ଅନ୍ୟତମ ବୋଲି କୁହାଯାଉଛି। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ହୋଇଛି। ନହେଲେ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କୋର୍ଟରେ ମକୋଦ୍ଦମା ଦାୟର କରାଯିବ ବୋଲି ଜଣେ ଚାଷୀ କହିଛନ୍ତି।

## ଗରସା ଗ୍ରାମରେ ଘରପୋଡ଼ି

ଦଶପଲ୍ଲା, ୧୪।୩(ସମିସ): ଦଶପଲ୍ଲା ବ୍ଲକ ବାଣିଗୋଚ୍ଛା ପଞ୍ଚାୟତ ଅଧୀନ ଗରସା ଗ୍ରାମରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ଏଥିରେ ସୁଦର୍ଶନ ମଲ୍ଲିକଙ୍କ ୬ ପୁଅ ଭିନ୍ନ ଭିନ୍ନ ଭାବରେ ରହୁଥିବା ଏକା ଧାଡ଼ିରେ ୬ ବଖରା ଘର ଭସ୍ମିଭୂତ ହୋଇ ଯାଇଛି। ପ୍ରଚଣ୍ଡ ଖରା ସାଙ୍ଗକୁ ନିଆଁ ତାତିରେ କେହି କିଛି ଉଦ୍ଧାର କରିପାରି ନ ଥିଲେ। ଗ୍ରାମବାସୀ ମିଳିତ ଭାବରେ କୂଅ ପାଣି ଓ କଦଳୀ ଗଛ କାଟି ଯେନ ତେନ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଦଶପଲ୍ଲାରୁ ଦମକଳ ବାହିନୀ ପହଞ୍ଚିଥିଲେ ହେଁ ସୁଫଳ ମିଳି ନ ଥିଲା। ବାଣିଗୋଚ୍ଛା ଅଞ୍ଚଳରେ ଦମକଳ କେନ୍ଦ୍ର ସ୍ଥାପନ ନିମନ୍ତେ ସରପଞ୍ଚ ସସ୍ମିତା ମହାକୁଡ଼ ଦାବି ଜଣାଇଛନ୍ତି। ବିପନ୍ନଙ୍କୁ ପର୍ଯ୍ୟାପ୍ତ ସରକାରୀ ଓ ବେସରକାରୀ ସାହାଯ୍ୟ ନିମନ୍ତେ ଯୁବ ବିଜେଡିର ସମ୍ପାଦକ ବସନ୍ତ ସାହୁ ଦାବି କରିଛନ୍ତି।

## କଳାପଟି ପରିଧାନ କଲେ ସାମ୍ବାଦିକ

ନୟାଗଡ଼, ୧୪।୩(ସମିସ): ଗୁରୁବାର ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ସବଡିଭିଜନରେ କାର୍ଯ୍ୟରତ ସାମ୍ବାଦିକମାନେ କଳାପଟି ପରିଧାନ କରିଛନ୍ତି। ଜିଲ୍ଲା ଶାଖା ସଭାପତି ଶ୍ରୀକାନ୍ତ ଖଟେଇଙ୍କ ଆହ୍ୱାନକ୍ରମେ ନୟାଗଡ଼ ସାମ୍ବାଦିକ ଭବନଠାରେ କଳାପଟି ପରିଧାନ କରାଯିବା ସହ ସାମ୍ବାଦିକଙ୍କ ଦାବି ପୂରଣ ପାଇଁ ସ୍ଲୋଗାନ ଦିଆଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରମୋଦ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ଜିଲ୍ଲା ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର, ଲୋକନାଥ ମିଶ୍ର, ଅନୀଲ କୁମାର ପଣ୍ଡା, ଉଦିତ୍ ନାରାୟଣ ଦାଶ, ବିଭୂତିଭୂଷଣ ସ୍ୱାଇଁ, ନିହାର ପଟ୍ଟନାୟକ, ରଜତ ପଟ୍ଟନାୟକ, ବିଶ୍ୱଜିତ୍ ନାୟକ ପ୍ରମୁଖ କଳାପଟି ପରିଧାନ କରିଥିଲେ। ସେହିପରି ଭାପୁର ପେଶାଦାର ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା ରବୀନ୍ଦ୍ର କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଗୁରୁବାର ଭାପୁର ଠାରେ ଏକ ପ୍ରତିବାଦ ସଭା କରିବା ସହ କଳାବ୍ୟାଜ୍ ପରିଧାନ କରିଛନ୍ତି। ସରକାର ତୁରନ୍ତ ସେମାନଙ୍କ ଦାବୀ ପୂରଣ କରିବାକୁ ନିବେଦନ କରାଯାଇଛି।

### ● ଶରଣକୁଳ ଅଞ୍ଚଳରେ ମାତିଛନ୍ତି ମୋବାଇଲ ଲୁଟେରା

## ଗୁରୁତ୍ୱ ଦେଉନି ପୁଲିସ, ଅଭିଯୋଗକାରୀ ନିରାଶ

ନୟାଗଡ଼, ୧୪।୩(ସମିସ): ଗତ କିଛିଦିନ ହେବ ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅଞ୍ଚଳରେ ମାତ୍ରାଧିକ ମୋବାଇଲ ଚୋରି ହୋଇଛି। ଲଡୁବାବାଙ୍କ ମହାଶିବରାତ୍ରିରେ ଅନୁଷ୍ଠିତ ଜାଗର ଯାତ୍ରାକୁ ସୁଯୋଗ ଭାବି ଲୁଟେରାମାନେ ସେମାନଙ୍କ କାରନାମା ଚଳାଇଛନ୍ତି। ଅନେକ ଲୋକଙ୍କ ମୋବାଇଲ ଲୁଟ ହୋଇଥିବା ବେଳେ କିଛି ଅଭିଯୋଗ ଥାନାକୁ ଆସିଥିବା ବେଳେ କେତେକ ବ୍ୟକ୍ତି କିଛି ହେବ ନି ଭାବି ଅଭିଯୋଗ କରି ନାହାନ୍ତି। ଅଭିଯୋଗ କରିଥିବା ବ୍ୟକ୍ତିମାନଙ୍କୁ ପୁଲିସ ସହଯୋଗ କରିବା ବଦଳରେ ଆଦୌ ଗୁରୁତ୍ୱ ଦେଉ ନ ଥିବା ସେମାନେ କହିଛନ୍ତି। ମୋବାଇଲ ଲୁଟକୁ ଶରଣକୁଳ ପୁଲିସ ସାଧାରଣ କଥା ଭାବି ଗୁରୁତ୍ୱ ଦେଉ ନ ଥିବାବେଳେ ଏହା ଦ୍ୱାରା କ୍ଷତିଗ୍ରସ୍ତ ଲୋକମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। କିଛିଦିନ ତଳେ ଶରଣକୁଳ ବଜାର ମଧ୍ୟରେ ରହିଥିବା ଏକ ଗ୍ୟାରେଜରେ ଗାଡ଼ି ସଜାଡୁଥିବା ସମୟରେ ସାମ୍ବାଦିକ ଜୟକୃଷ୍ଣ ସାହୁଙ୍କ ମୋବାଇଲଟି ଚୋରି ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ଏହାକୁ ଧ୍ୟାନ ଦେଉନଥିବା ସେ କହିଛନ୍ତି।

## ଶାଶନ ପଞ୍ଚାୟତରେ ଭୋଟ୍‌ର ଟ୍ୟାଗିଙ୍ଗ ପ୍ରଶିକ୍ଷଣ ଶିବିର

ଭାପୁର, ୧୪।୩(ସମିସ) ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଶାଶନ ପଞ୍ଚାୟତରେ ସୋମବାର ଦିନ ଭୋଟର ଟ୍ୟାଗିଙ୍ଗ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଓ ଯୁବ ସଂଗଠନ ସନ୍ତୋଷ କୁମାର ତ୍ରିପାଠୀଙ୍କ ସହଯୋଗରେ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ମନୋଜ କୁମାର ଦାସ, ରାଜେନ୍ଦ୍ର ପ୍ରସାଦ ପଣ୍ଡା, ବିଦ୍ୟାଧର ମହାପାତ୍ର, ସୌମେନ୍ଦ୍ର ଦାଶ ଓ ବୈକୁଣ୍ଠ ନାଥ ସାହୁଙ୍କ ସହ ଅନେକ ଲୋକ ଶିବିରରେ ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ। ବୁଥସ୍ତରରେ ବିଜୁ ଜନତା ଦଳକୁ କିପରି ଅଧିକ ମଜଭୁତ କରାଯିବ ସେ ନେଇ ଯୁବକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସେହିପରି କଇଁଫୁଲିଆ, ଭାପୁର ପଞ୍ଚାୟତରେ ପ୍ରଶିକ୍ଷଣ ଶିବିର ରବିବାର ଦିନ ଆୟୋଜନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଅନୁଭବଙ୍କ ନେତୃତ୍ୱରେ ଭାପୁର ବ୍ଲକର ୧୯ ପଞ୍ଚାୟତ ରେ ପ୍ରଶିକ୍ଷଣ ଶିବିର ଆୟୋଜନ ହୋଇସାରିଲାଣି।

## ଦୃଷ୍ଟିବାଧିତ ଛାତ୍ରଙ୍କୁ ଲ୍ୟାପଟପ୍ ବଣ୍ଟନ

ନୟାଗଡ଼, ୧୪।୩(ସମିସ): ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଆଜି ନୟାଗଡ଼ ଜିଲ୍ଲାପାଳ ସ୍ୱାଧାଦେବ ସିଂ ଲ୍ୟାପଟପ୍ ବଣ୍ଟନ କରିଛନ୍ତି। ଜିଲ୍ଲାପାଳଙ୍କ ମିନି କନ୍‌ଫରେନ୍ସ ହଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମଗ୍ର ଶିକ୍ଷା ନୟାଗଡ଼ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶ୍ରେଣୀର ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସେମାନଙ୍କର ଶିକ୍ଷଣ ଉନ୍ନତି ପାଇଁ ଓସେପା ଦ୍ୱାରା ପ୍ରଦତ୍ତ ଲାପଟପ ବଣ୍ଟନ କରିଛନ୍ତି ଜିଲ୍ଲାପାଳ।




## ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତୀକରଣ ସଚେତନତା ଶିବିର

ଗଣିଆ, ୧୪।୩(ସମିସ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଓ ନାବାର୍ଡ ସହାୟତାରେ ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରବାର ଗ୍ରାମାଞ୍ଚଳରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଡିଜିଟାଲ ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଏଲଡିଏମ୍ ଶଶିଶେଖର ପଟ୍ଟନାୟକ, ସରିଗଣ୍ଡା ଶାଖା ପରିଚାଳକ ସୁଧାକର ଗଇଗୋରିଆ, ଏଫ୍‌ଏଲସି ରବି ନାରାୟଣ ସେଠୀ, ବ୍ୟାଙ୍କମିତ୍ର ମମତାମୟୀ ଦାଶ, ଛାମୁଣ୍ଡିଆ ସରପଞ୍ଚ ଦିପ୍ତୀରେଖା ସେନାପତି, ସମିତିସଭ୍ୟା ସସ୍ମିତା ଦଳେଇ, ନାଏବ ସରପଞ୍ଚ ସରସ୍ୱତୀ



ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସରକାର ଗ୍ରାମାଞ୍ଚଳରେ ଆମବ୍ୟାଙ୍କ ଖୋଲି ଲୋକଙ୍କ ହାତ ପାହାନ୍ତାରେ ବ୍ୟାଙ୍କ ସେବା ଯୋଗାଇ ଦେବା ଆରମ୍ଭ କରିଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ଆମ ବ୍ୟାଙ୍କ ମାଧ୍ୟମରେ କିଭଳି ଜନସାଧାରଣ ସୁବିଧାରେ ବ୍ୟାଙ୍କ ସେବା ପାଇବା ସହ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ସହଜରେ ଋଣ ପାଇପାରିବେ, ଏଟିଏମର ବ୍ୟବହାର, ଅନଲାଇନ ଠକେଇରୁ ଦୂରେଇ ରହିବା ସହ ବ୍ୟାଙ୍କିଙ୍ଗ୍ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଅତିଥି ଲୋକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଛାମୁଣ୍ଡିଆ ପଞ୍ଚାୟତର ଛାମୁଣ୍ଡିଆ, ଇଶ୍ୱରପୁର, ବେଣ୍ଟପଡ଼ା, ଗୋପିନାଥପୁର, ହରିପୁର ଆଦି ଗ୍ରାମର ୮୦ଜଣ ୨୦ରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଯୋଗ ଦେଇଥିଲେ।

## ୮୩ କେଜି ଗଞ୍ଜେଇ ଜବତ; ୫ ଗିରଫ




ଖଣ୍ଡପଡ଼ା, ୧୪।୩(ସମିସ): ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ବିଭିନ୍ନ ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଥିବା ଅପରାଧୀଙ୍କୁ ଧରିବା ପାଇଁ ଖଣ୍ଡପଡ଼ା ପୁଲିସ ପକ୍ଷରୁ ବ୍ୟାପକ ଉଦ୍ୟମ ଜାରି ରହିଛି। ପିକଅପ୍ ଭ୍ୟାନ ଯୋଗେ ଗଞ୍ଜେଇ ଚୋରା ଚାଲାଣ ବେଳେ ସ୍ଥାନୀୟ ପୁଲିସ ମାଫିଆଙ୍କୁ ମାଡିବସିବା ସହ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଏନେଇ ଗୁରୁବାର ସନ୍ଧ୍ୟାରେ ପ୍ରେସମିଟ ଯୋଗେ ସୂଚନା ଦେଇଛନ୍ତି ଖଣ୍ଡପଡ଼ା ଏସଡିପିଓ ବିମଳ କୁମାର ବାରିକ। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ଗାଡି ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ସୂଚନା ପାଇଥିଲେ। ତେବେ ଅକୁରାବନ୍ଧ ଛକ ନିକଟରେ ପିକଅପ୍‌କୁ ଅଟକାଇବାରୁ ଚାଳକ ସମେତ ଅନ୍ୟମାନେ ହଡବଡେଇ ଯାଇଥିଲେ। ତେବେ ଅନୁସନ୍ଧାନ କରିବାରୁ ପିକଅପ ଭ୍ୟାନରେ ମୋଟ ୩ଟି ବସ୍ତା ଯୋଗେ ୮୩ କେଜି ଗଞ୍ଜେଇ ସହ ୩ଟି ମୋବାଇଲ ଜବତ କରିଛି ସ୍ଥାନୀୟ ପୁଲିସ। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ସାଢ଼େ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଏସଡିପିଓ ଶ୍ରୀ ବାରିକ କହିଛନ୍ତି। ଘଟଣାରେ ସମ୍ପୃକ୍ତ ୫ ଅଭିଯୁକ୍ତ ହେଲେ ସିଧାମୂଳା ପଞ୍ଚାୟତ ଅକୁରାବନ୍ଧ ଗ୍ରାମର ପଦ୍ମଲାଭ ମହାନ୍ତି (୩୪) ଓ ସାଧୁ ଲେଙ୍କା (୬୪), ଆନ୍ଧ୍ରପ୍ରଦେଶ ନେଲ୍ଲୋର ଜିଲ୍ଲାର ଧନଲା ଭାମସି କ୍ରୀଷ୍ଣା (୨୬), ଏମ ରମେଶ (୩୫) ଏବଂ ଟି ଅଙ୍କେୟା (୩୦)। ଏମାନେ କନ୍ଧମାଳରୁ ଗଞ୍ଜେଇକୁ ବେଆଇନ ଭାବେ ଚାଲାଣ କରିବା ସହିତ କଟକ ଚୌଦ୍ୱାର ଅଞ୍ଚଳରେ ବିକ୍ରି କରିବାକୁ ନେଉଥିଲେ ବୋଲି ପୁଲିସି କହିଛି। ଅନ୍ୟପକ୍ଷରେ ଘଟଣାରେ ସମ୍ପୃକ୍ତ ତଥା ମାଷ୍ଟରମାଇଣ୍ଡ କୁହାଯାଉଥିବା ଅନ୍ୟଜଣେ ଅଭିଯୁକ୍ତ ବାବଦରେ ସ୍ଥାନୀୟ ପୁଲିସ ତଦନ୍ତ କରୁଥିବା ସୂଚନା ମିଳିଛି। ତେବେ କିଛିମାସ ହେଲା ବାହାର ରାଜ୍ୟର ଗଞ୍ଜେଇ ମାଫିଆଙ୍କ ପାଇଁ ଏବେ ଖଣ୍ଡପଡ଼ା ପୁଲିସ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ହୋଇଥିବା ଜଣାପଡ଼ିଛି। ଖଣ୍ଡପଡ଼ା ପୁଲିସ ପକ୍ଷରୁ ଏନଡିପିଏସ ଆଇନ ଅନୁଯାୟୀ ମାମଲା ରୁଜୁ କରାଯିବା ସହିତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁ ସୂଚନା ଦେଇଛନ୍ତି।

## ଅନ୍ତଃସତ୍ତ୍ୱା ମହିଳାଙ୍କୁ ହତ୍ୟା ମାମଲା

# ପତ୍ନୀହନ୍ତାକୁ ୭ ବର୍ଷ ଜେଲ୍

ଓଡ଼ଗାଁ, ୧୪।୩(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୋମଣ୍ଡମକର ପଦାରେ ୧୧ ବର୍ଷ ପୂର୍ବେ ୮ ମାସର ଅନ୍ତଃସତ୍ୱା ନବବଧୂ ପ୍ରଶାନ୍ତି ହତ୍ୟାକାଣ୍ଡ ମାମଲା ବିଚାରକରି ଗୁରୁବାର ଓଡ଼ଗାଁ କୋର୍ଟରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ମାନସ ରଞ୍ଜନ ରଥ ୧୨ ଜଣ ସରକାରୀ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ସ୍ୱାମୀ ବୁଲୁ ବାରିକକୁ ୭ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହା ସହିତ ୨ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୩ ଜୁନ୍ ୨୬ ତାରିଖ ସକାଳେ ଝିଅ ପ୍ରଶାନ୍ତିର ମୃତ୍ୟୁ ଖବରପାଇ ଶରଣକୁଳ ଥାନା ପଞ୍ଚିରିଡା ମାନପୁର ଅନ୍ତର୍ଗତ ଖଳିପାଟଣା ଗ୍ରାମର ବାପା ସୁଦାମ ବାରିକ କୋମଣ୍ଡ ମକରପଦା ଆସି ଦେଖିବା ବେଳକୁ ଝିଅ ପ୍ରଶାନ୍ତିର ମୃତଶରୀର ଶାଶୂଘର ଖଟ ଉପରେ ପଡ଼ିଛି। ସେତେବେଳକୁ ପ୍ରଶାନ୍ତି ୮ ମାସର ଗର୍ଭବତୀ ଥିଲା। ଏନେଇ ଶାଶୂଘର ଲୋକେ ମିଶି ଝିଅ ପ୍ରଶାନ୍ତିକୁ ମାରିଦେଇଥିବା ନେଇ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ ସୁଦାମ। ପୁଲିସ ଯୌତୁକ ଜନିତ କାରଣରୁ ବଧୂ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଶାଶୂ କମା ବାରିକ ଓ ସ୍ୱାମୀ ବୁଲୁ ବାରିକକୁ ଓଡ଼ଗାଁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସେମାନେ ବିଚାର ବିଭାଗୀୟ ହାଜତରୁ ଜାମିନରେ ଆସିଥିଲେ। ବିଚାର ଚାଲିଥିବା ବେଳେ ବୁଲୁ କୋର୍ଟରେ ଏକାଧିକ ଥର ହାଜର ନ ହେବାରୁ ତାଙ୍କ ନାମରେ ଜାମିନ୍ ବିହୀନ ଗିରଫ ପରୱାନା ଜାରି ହେଲା। ଏହି ମାମଲା ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତରେ ବିଚାର ପ୍ରକ୍ରିୟା ଚାଲୁ ରହିଥିଲା। ଗତ ୨୦୨୩ ମସିହା ନଭେମ୍ବର ୧୦ ତାରିଖରେ ଜିଲ୍ଲା ଅତିରିକ୍ତ ଓ ଦୌରାଜଜ୍ ମାନସ ରଞ୍ଜନ ରଥ ପ୍ରଶାନ୍ତିର ଶାଶୂ କମା ବାରିକୁ ଦଫା ୩୦୪(ଖ)ରେ ୭ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା ଅନାଦେୟ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡଦେଶ ଶୁଣାଇଥିଲେ। ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ପ୍ରଶାନ୍ତିର ସ୍ୱାମୀ ବୁଲୁ ବାରିକକୁ କିଛିଦିନ ପୂର୍ବେ ଶରଣକୁଳ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଆଜି ଓଡ଼ଗାଁ କୋର୍ଟରେ ବିଚାରପତି ଅଭିଯୁକ୍ତକୁ ୭ ବର୍ଷ ସଶ୍ରମ କାରାଦଣ୍ଡଦେଶ ଶୁଣାଇଛନ୍ତି। ମୋକଦ୍ଦମାକୁ ଅତିରିକ୍ତ ସରକାରୀ ଅଧିବକ୍ତା ଇନ୍ଦୁ ଭୂଷଣ ମିଶ୍ର ପରିଚାଳନା କରୁଥିଲେ।

## ପଥର ମାଫିଆଙ୍କ ପାଇଁ ସୁରକ୍ଷା ଗୋଳବାଈ- ନିରାକାରପୁର ରାସ୍ତା

ନିରାକାରପୁର, ୧୪।୩(ସମିସ):

ପୋଲିସ, ଖଣି ନିଗମ ଓ ରାଜସ୍ୱ ବିଭାଗକୁ ଚକ୍କମା ଦେଖାଇ ଏବେ ପଥର ମାଫିଆମାନେ ସର୍ଟକର୍ଟ ଖୋର୍ଦ୍ଧା ଜିଲ୍ଲା ଗୋଳବାଈ-ନିରାକାରପୁର ରାସ୍ତା ଦେଇ ସୁବିଧାରେ ଚୋରା ପଥର ବୋଝେଇ ଟ୍ରକ୍ ଓ ଟ୍ରାକ୍ଟରକୁ ଗନ୍ତବ୍ୟ ସ୍ଥଳକୁ ଛାଡ଼ିବାରେ ସକ୍ଷମ ହେଉଛନ୍ତି। ଫଳରେ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବା ବେଳେ ମାଫିଆ ମାନେ ଲାଲେଲାଲ ହେଉଛନ୍ତି। ଗୋଳାବାଈ ପଟୁ ଭାୟା ତାଳପଡ଼ା ଦେଇ ନିରାକାରପୁର ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ଏବେ ପାଲଟିଛି ମାଫିଆଙ୍କ ଚୋରା ଚାଲାଣ ପାଇଁ ମୁଖ୍ୟ ରାସ୍ତା। କିଛି ଗାଡି ମାଲିକ ଓ ଖଣି ମାଲିକ ନିରାକାରପୁର ରେଲ୍‌ୱେ ଗେଟ ନିକଟରେ ଜଗି ବସି ପୁଲିସ, ରାଜସ୍ୱ ଅଧିକାରୀଙ୍କ ଗତିବିଧି ଉପରେ ନଜର ରହି ଚୋରା ଖଣିଜ ଦ୍ରବ୍ୟ ଅତିକ୍ରମ କରାଇବା ଏବେ ନିତିଦିନିଆ ଘଟଣା ହୋଇଛି। ସେହିପରି ରାତି ଉଜାଗର ହୋଇ ଗାଡି ମାଲିକମାନେ ଥାନା ଆଗରେ ଗାଡି କିପରି ଅତିକ୍ରମ କରିବ ସେଥିପାଇଁ ଏକ ପ୍ରକାର ନକେଦମ ହେଉଛନ୍ତି। ପଥର ଖଣି ଖୋଲିବାକୁ ବିଭାଗ ତରଫରୁ ଅଧିକରୁ ଅଧିକ ଅନୁମତି ଦିଆଗଲେ ଏପରି ଚୋରା ଚାଲାଣ ବନ୍ଦ ହୋଇପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ମେଗା ପାନୀୟ ଜଳ ପ୍ରକଳ୍ପ ସମୀକ୍ଷା କଲେ ଜିଲ୍ଲାପାଳ

ନୟାଗଡ଼, ୧୪।୩(ସମିସ):

ଗ୍ରୀଷ୍ମ ଋତୁରେ ଜଳାଭାବ ସମସ୍ୟା ସୃଷ୍ଟି ହେବାକୁ ଥିବା ବେଳେ ଆଜି ନୟାଗଡ଼ ଜିଲ୍ଲାପାଳ ସ୍ୱାଧାଦେବ ସିଂଙ୍କ ତନାଘନା କରିଛନ୍ତି। ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ବ୍ଲକ, ବନମାଳୀପୁର ଓ ଭାପୁର ବ୍ଲକ ପଦ୍ମାବତୀଠାରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆଜି ଜିଲ୍ଲାପାଳଙ୍କ ମିନି ସମ୍ମିଳନୀ ହଲରେ ଜିଲ୍ଲାପାଳ ସ୍ୱାଧାଦେବ ସିଂଙ୍କ ସଭାପତିତ୍ୱରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରକଳ୍ପ ଯେପରି ଶୀଘ୍ର ତ୍ୱରାନ୍ୱିତ ହେବ ସେଥି ନିମନ୍ତେ ଆଲୋଚନା କରାଯାଇଛି। ଏଥି ସହିତ ଏହି ପ୍ରକଳ୍ପ ପାଇଁ କ'ଣ



ସମସ୍ୟା ରହିଛି ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଗ୍ରୀଷ୍ମ ଋତୁରେ କିପରି ଲୋକମାନେ ସୂଚାରୁ ରୂପେ ପାନୀୟଜଳ ପାଇ ପାରିବେ ସେଥିପ୍ରତି ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ ଜିଭିପିଆର ପ୍ରକଳ୍ପ ମ୍ୟାନେଜର, କେଇସି ପ୍ରକଳ୍ପ ମ୍ୟାନେଜର, କେପିଟିସିଆର ପ୍ରକଳ୍ପ ମ୍ୟାନେଜର, ପାନୀୟ ଜଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ରହିଥିଲେ। ଜିଭିପିଆର୍ ଦ୍ୱାରା ନିର୍ମାଣ କରାଯାଉଥିବା ପ୍ରକଳ୍ପ କାର୍ଯ୍ୟରେ ଅହେତୁକ ବିଳମ୍ବ ହୋଇଥିବା ବେଳେ ଏହାକୁ ନେଇ ଜିଲ୍ଲାବାସୀଙ୍କ ମନରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଛି।

